# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 July – 2026

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଆଇନ୍ ଆଜିଠାରୁ ଦେଶରେ ଲାଗୁ
- ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇଦେବା ନେଇ ନିଷ୍ପତ୍ତି
- ସେବା କ୍ଷେତ୍ରରେ ଡାକ୍ତରମାନଙ୍କର ଅବଦାନକୁ ସ୍ମରଣ କରିବା ନେଇ ଆଜି ପାଳନ କରାଯାଉଛି 'ଜାତୀୟ ଡାକ୍ତର ଦିବସ'

ଏବଂ

- ଅଣସର ପିଣ୍ଡିରେ ଜ୍ୱରରେ ପୀଡିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତସେବା ଉପଚାରରେ ଲାଗିଛନ୍ତି ଦଇତାପତି ସେବକ

# ଭିବି-ଜି.ରାମ୍.ଜି.

ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ- ଭିବି ଜି.ରାମ.ଜି ଆଇନ୍ ୨୦୨୫ ଆଜିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଭିବି ଜି. ରାମ ଜି. ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭିବି-ଜି. ରାମ୍ ଜି. ଆଇନ' ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି।

୨୦୨୫-୨୬ ଆର୍ଥିକବର୍ଷରେ ୧୨ କୋଟି ୧୬ ଲକ୍ଷ ଲୋକ ଏହି ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ସାମିଲ ଅଛନ୍ତି।  ଏହି ସମୟ ମଧ୍ୟରେ କର୍ମନିଯୁକ୍ତି ଦିଆଯାଇ ୧୮୪ କୋଟି ୬୮ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଛି। ସରକାର ଏ ବାବଦରେ  ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର-ଡିବିଟି ମାଧ୍ୟମରେ ୨୭ କୋଟି ୬୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

ସରକାରୀ ସୂଚନା ଅନୁସାରେ, ୪ କୋଟି ୯୦ ଲକ୍ଷ ପରିବାର ୨୦୨୫-୨୬ ବର୍ଷରେ  ଉପକୃତ ହୋଇଛନ୍ତି।

ଗ୍ରାମୀଣ ବିକାଶ ଓ ପରିବାରଗୁଡ଼ିକୁ ସଶକ୍ତ କରିବା ଏବଂ ଆର୍ଥିକ ସୁରକ୍ଷା ଭଳି ବ୍ୟବସ୍ଥା ନୂଆ ଆଇନ୍‌ରେ ଉଲ୍ଲେଖ ରହିଛି। ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ନୂଆ ଆଇନ୍ ପ୍ରଣୟନ କରାଯାଇଛି।

# ତ୍ରୁଟିଶୂନ୍ୟ ପୁସ୍ତକ

ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକଗୁଡ଼ିକ ଅପସାରଣ କରାଯାଇ ନିର୍ଭୁଲ ପାଠ୍ୟପୁସ୍ତକ ସରକାର ଯୋଗାଇଦେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏନ୍.ଥିରୁମାଲା ନାୟକ କହିଛନ୍ତି। ଭୁବନେଶ୍ୱରଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ନାୟକ କହିଛନ୍ତି, ନୂଆ ବହି ଆସିବା ପର୍ଯ୍ୟନ୍ତ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ-ଏସ୍.ସି.ଇ.ଆର.ଟି. ପକ୍ଷରୁ ଓସେପା ଜରିଆରେ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଦିଆଯାଇଥିବା ସଂଶୋଧିତ ତଥ୍ୟକୁ ନେଇ ପାଠ ପଢ଼ାଯିବ। ସଂପୂର୍ଣ୍ଣ ତ୍ରୁଟି ସଂଶୋଧନ ପରେ ବହି ଉପଲବ୍ଧ ହେବ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଏବଂ ଅନ୍ୟ ଓଡ଼ିଆ ଅଭିଧାନକୁ ନେଇ ବହିରେ ଥିବା ଶବ୍ଦ ଓ ବ୍ୟାକରଣଗତ ତ୍ରୁଟିର ତର୍ଜମା କରାଯାଉଛି ବୋଲି ଗଣଶିକ୍ଷା ବିଭାଗ ସଚିବ ଶ୍ରୀ ନାୟକ କହିଛନ୍ତି।

# ଡିଜିଟାଲ ଇଣ୍ଡିଆ ୧୧ ଇୟର୍ସ

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶବ୍ୟାପୀ  ସ୍ୱଚ୍ଛ ଆର୍ଥିକ କାରବାର ଏବଂ ସାର୍ବଜନୀନ ସେବା ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ଗତ ୧୧ବର୍ଷ ମଧ୍ୟରେ ଭାରତ ବିଶ୍ୱର ସର୍ବବୃହତ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଇକୋସିଷ୍ଟମ୍‌ର ମାନ୍ୟତା ହାସଲ କରିଛି । ସ୍ୱାସ୍ଥ୍ୟସେବା, ଶିକ୍ଷା,

ଦକ୍ଷତା, କୃଷି, ଗ୍ରାମାଞ୍ଚଳ ଆଦି ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ପ୍ଲାଟଫର୍ମ ଗୁଡ଼ିକ ଉପଯୋଗ ମାଧ୍ୟମରେ ସଫଳତା ହାସଲ କରିପାରିଛି। ଏହି ପ୍ଲାଟଫର୍ମଗୁଡ଼ିକ ମାଧମରେ ଡିଜିଟାଲ ପରିଚୟପତ୍ର, ଆର୍ଥିକ କାରବାର, ତଥ୍ୟ ବିନିମୟ ଏବଂ ସେବା ଆଦାନପ୍ରଦାନ ସୁବିଧା ମିଳୁଛି। ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଫ୍ରାନ୍ସ, ମରିସସ୍ ଏବଂ ଶ୍ରୀଲଙ୍କା ସମେତ ୮ଟିରୁ ଅଧିକ ଦେଶରେ ଏବେ ୟୁପିଆଇ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ।

# ଜିଏସ୍‌ଟି- ୯ ଇୟର୍ସ

ଦେଶରେ କାର୍ଯ୍ୟକାରୀ ହୋଇଥିବା ଦ୍ରବ୍ୟ ଓ ସେବା କର-ଜିଏସଟି ଆଜି ୯ ବର୍ଷ ପୂରଣ କରିଛି । ‘ଏକ ଭାରତ ଶ୍ରେଷ୍ଠ ଭାରତ’ ଦୃଷ୍ଟିକୋଣକୁ ଏହା ସୁଦୃଢ଼ କରିବା ସହ ଟିକସ କ୍ଷେତ୍ରରେ ସଂସ୍କାର ମାଧ୍ୟମରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିଛି । ୨୦୧୭ ମସିହା ଜୁଲାଇ ପହିଲାରେ ଦେଶ ବ୍ୟାପୀ ଜିଏସଟି ଲାଗୁ କରାଯାଇଥିଲା ।

# ପିଏମ୍‌ଏସ୍‌କେଓ୍ୱାଇ

‘ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା’ ଆଜିକୁ ୧୦ ବର୍ଷରୁ ଅଧିକ ସମୟ ପୂରଣ କରିଛି । ଦେଶରେ ନିରନ୍ତର ଜଳ ପରିଚାଳନା ଏବଂ ଜଳସେଚନକୁ ଅଧିକ ବ୍ୟାପକ ତଥା ସୁବ୍ୟବସ୍ଥିତ କରିବାରେ ଏହି ଯୋଜନା ଫଳପ୍ରଦ ସାବ୍ୟସ୍ତ ହୋଇଛି । ୨୦୧୫ ଜୁଲାଇ ପହିଲାରେ ଶୁଭାରମ୍ଭ ହୋଇଥିବା ଏହି ଯୋଜନା କୃଷିକ୍ଷେତ୍ରରେ ଜଳ ପରିଚାଳନାକୁ

ଅଧିକ ଉନ୍ନତ କରିବା ସହ ଦେଶବ୍ୟାପୀ ସ୍ଥାୟୀ ଜଳ ସଂରକ୍ଷଣ ପଦକ୍ଷେପକୁ ପ୍ରୋତ୍ସାହନ ପ୍ରଦାନ କରିଛି। ଗତ ୨୦୧୬-୧୭ ମସିହାରୁ ଏହି ଯୋଜନା ଅଧୀନରେ ୨ କୋଟି ୭୦ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି।

## ଜାତୀୟ ଡାକ୍ତର ଦିବସ

ସମାଜ ପ୍ରତି ଚିକିତ୍ସକମାନଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିବା ଲାଗି ଆଜି 'ଜାତୀୟ ଡାକ୍ତର ଦିବସ' ପାଳନ କରାଯାଉଛି। ସାମୂହିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚିକିତ୍ସକମାନଙ୍କ ଅକ୍ଳାନ୍ତ ଚେଷ୍ଟା, ପରିଶ୍ରମ ଓ ନିଃସ୍ୱାର୍ଥପର ସେବାକୁ ସମ୍ମାନ ଜଣାଇବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ତଥା ପ୍ରଖ୍ୟାତ ଚିକିତ୍ସକ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ତଥା ତିରୋଧାନ ଦିବସ ଜୁଲାଇ ୧କୁ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଇଥାଏ। ୧୯୯୧ ମସିହାରେ ପ୍ରଥମଥର ପାଇଁ ଦେଶରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଇଥିଲା।

ଚଳିତବର୍ଷ ଜାତୀୟ ଡାକ୍ତର ଦିବସର ବାର୍ତ୍ତା ହେଉଛି 'ମୁଖା ପଛରେ-ଯତ୍ନ ନେଉଥିବା ବ୍ୟକ୍ତିଙ୍କ ଯତ୍ନ'। ଏହି ବିଷୟବସ୍ତୁ ଡାକ୍ତରମାନଙ୍କର ଭାବପ୍ରବଣ, ମାନସିକ ଏବଂ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ।

ଜାତୀୟ ଡାକ୍ତର ଦିବସ ପାଳନ ଅବସରରେ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲର ଭେଷଜ ବିଭାଗର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ଆକାଶବାଣୀକୁ କହିଛନ୍ତି....

**- V/O -**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦିବସ ଅବସରରେ ଡାକ୍ତର ସମାଜକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେମାନଙ୍କର ପ୍ରତିବଦ୍ଧତା ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ । ଶ୍ରୀ ମୋଦୀ ଏହି ଅବସରରେ ଗତ ଦଶନ୍ଧି ମଧ୍ୟରେ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ଉପରେ ଆଲୋକପାତ କରିଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ସ୍ୱାସ୍ଥ୍ୟସେବା ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବାକୁ ଶ୍ରୀ ମୋଦୀ ଡାକ୍ତରଙ୍କୁ ଆହ୍ୱାନ ଦେଇଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଜାତୀୟ ଡାକ୍ତର ଦିବସ ଅବସରରେ ଶୁଭେଚ୍ଛା ଜଣାଛନ୍ତି। ନିଃସ୍ୱାର୍ଥପରଭାବେ ସ୍ୱାସ୍ଥ୍ୟସେବା ପ୍ରଦାନ କରି ସୁସ୍ଥ ଭାରତ ଗଠନରେ ସମର୍ପିତ ପ୍ରତ୍ୟେକ ଡାକ୍ତରଙ୍କୁ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି।

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଉଭୟ ପରୀକ୍ଷାପାଇଁ ୨୪ ହଜାର ୪୭୦ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୨୫୧ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷା ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ ।

## ୨ ବର୍ଷ ପୂର୍ତ୍ତି

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ **ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ସମ୍ମିଳନୀ କକ୍ଷ ଏବଂ ବାସୁଦେବପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ‘ବିକାଶ ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧିକାରୀ, ସରପଞ୍ଚ, ଜନପ୍ରତିନିଧି ପ୍ରମୁଖ ଯୋଗ ଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତି ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ ।

## ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ** ଶ୍ରୀମନ୍ଦିର ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତୀ ଅବସ୍ଥାନ କରୁଛନ୍ତି । ସ୍ନାନଯାତ୍ରାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡିତ ମହାପ୍ରଭୁଙ୍କୁ ଅଣସର ଘରେ ଦଇତାପତି ସେବକମାନେ ଗୁପ୍ତସେବା ଓ

ଉପଚାରରେ ଲାଗିଛନ୍ତି । ଦଇତାପତି ସେବକଙ୍କ ଦ୍ୱାରା ଅଣସର ପିଣ୍ଡିରେ ଗୁପ୍ତ ଚିକିତ୍ସା ଚାଲିଛି ।

ଚତୁର୍ଦ୍ଧାମୂର୍ତ୍ତି ଶୁକ୍ଳବସ୍ତ୍ର ଓ ଶୁକ୍ଳ ପୁଷ୍ପ ଧାରଣ କରିଛନ୍ତି । ମହାପ୍ରଭୁଙ୍କଠାରେ ତୁଳସୀ ଲାଗି କରାଯାଉନାହିଁ । ୨ ଥର ସ୍ୱତନ୍ତ୍ର ପଣା-ପାଚନ ପାଣି ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କୁ ଅର୍ପଣ କରାଯାଉଛି । ଠାକୁରଙ୍କ ପାଖରେ ଭୋଗରେ କେବଳ ଫଳମୂଳ ଲାଗି ହେଉଛି । ପତିମହାପାତ୍ରେ ପଞ୍ଚୋପଚାରରେ ନିରାକାରଙ୍କୁ ପୂଜା କରୁଛନ୍ତି । ଅନ୍ୟପକ୍ଷରେ, ଜଗମୋହନରେ ପଟ୍ଟିଦିଅଁଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ ଓ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟ୍ଟିଦିଅଁ ରୂପେ ପୂଜା ପାଉଛନ୍ତି । ଅଣସର ଘରେ ସେବା ସରିଲା ପରେ ପୁନର୍ବାର ପଟ୍ଟିଦିଅଁଙ୍କୁ ପୂଜା କରାଯାଉଛି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ଘନୀଭୂତ ହୋଇ ଆସନ୍ତା ୨ ଦିନ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର

ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ରାୟଗଡ଼ା କୋରାପୁଟ, ମାଲକାନଗିରି ଜିଲ୍ଲାରେ ଆଜି ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି। ଗତକାଲି ବାରିପଦାରେ ସର୍ବାଧିକ ୧୩୫ ମିଲିମିଟର ଏବଂ ପାରାଦ୍ୱୀପରେ ୮୯ ଦଶମିକ ୭ ମିଲିମିଟର ବର୍ଷା ହୋଇଯାଇଛି।